# ଆଇନ ସେବା ବିଷୟରେ କିଛି ଜାଣିବା କଥା



ଲୋକ ଅଦାଲତ

ସମ୍ମୁଖ କାର୍ଯ୍ୟାଳୟ

ମଧ୍ୟସ୍ଥତା କେନ୍ଦ୍ର

ପାରାଲିଗାଲ ସ୍ୱେଚ୍ଛାସେବୀ

ସ୍ଥାୟୀ ଲୋକ ଅଦାଲତ

ନ୍ୟାୟ ସଂଯୋଗ

ACCESS TO JUSTICE FOR ALL


## ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ

କ୍ୟାଣ୍ଟନମେଣ୍ଟ ରୋଡ୍, କଟକ-୭୫୩୦୦୧

ଫୋନ୍: ୦୬୭୧-୨୩୦୭୦୭୧, ଫ୍ୟାକ୍ସ: ୦୬୭୧-୨୩୦୫୭୦୨

ଇ-ମେଲ୍:oslsa1997@gmail.com ୱେବସାଇଟ୍:www.oslsa.in

**ଆଇନ ସେବାର ପୃଷ୍ଠଭୂମି :**

ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର । ଏଠି ପ୍ରଣୟନ କରାଯାଉଥିବା ପ୍ରତ୍ୟେକ ଆଇନ, ନିୟମ ଓ ନିର୍ଦ୍ଦେଶନାମା ଜନମଙ୍ଗଳ ତଥା ସାମାଜିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଏହା ବ୍ୟତୀତ, ଆମ ଦେଶର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ କେତେକ ମୌଳିକ ଅଧିକାର ଦେଇଛି । ଆଇନ ସମ୍ମୁଖରେ ସମାନତା ଏବଂ ସମସ୍ତଙ୍କୁ ସମାନ ଆଇନଗତ ସୁରକ୍ଷା ଉପଲବ୍ଧ ହେବା ମୌଳିକ ଅଧିକାରର ଅନ୍ତର୍ଭୁକ୍ତ । ଭାରତ ପରି ଏକ ବିଶାଳ ଦେଶରେ ସବୁ ବର୍ଗର ବ୍ୟକ୍ତି ସମାନ ସ୍ଥିତିରେ ରହି ପାରିବେ ବୋଲି ଭାବିବା ଅବାନ୍ତର ହେବ । ଆର୍ଥିକ କ୍ଷେତ୍ରରେ ଅଥବା ଅନ୍ୟାନ୍ୟ ସାମାଜିକ ସ୍ତରରେ ବୈଷମ୍ୟ ରହିବା ସ୍ୱାଭାବିକ । ଏହି ବୈଷମ୍ୟ କାରଣରୁ କୌଣସି ବ୍ୟକ୍ତି ନିଜର କୌଣସି ସାମ୍ବିଧାନିକ ବା ବୈଧିକ ଅଧିକାରରୁ ତଥା ସମାନ ନ୍ୟାୟିକ ସୁବିଧାରୁ ଯେପରି ବଞ୍ଚିତ ନ ହେଉ, ସେଥିପାଇଁ ଏକ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା କରାଯାଇଛି ।

ସମ୍ବିଧାନର ଧାରା ୩୯-କ (39-A)କୁ ଦୃଷ୍ଟିରେ ରଖି ଆମ କେନ୍ଦ୍ର ସରକାର ୧୯୮୭ ମସିହାରେ "**ଆଇନ ସେବା ପ୍ରାଧିକରଣ ଅଧିନିୟମ**" ନାମରେ ଏକ ଆଇନ ପ୍ରଣୟନ କରିଛନ୍ତି । ଏହି ଅଧିନିୟମ ୧୯୯୫ ମସିହାରୁ କାର୍ଯ୍ୟକ୍ଷମ ହୋଇ ବଳବତର ରହିଛି । ଏହି ଆଇନ ବଳରେ ଜାତୀୟ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ଏବଂ ତାଲୁକ ସ୍ତରରେ ଆଇନ ସେବା ପ୍ରାଧିକରଣ ଅଥବା ଆଇନ ସେବା କମିଟିମାନ ଗଠନ କରାଯାଇ ତାଙ୍କ ଜରିଆରେ ନିଃଶୁଳ୍କ ଆଇନ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ପ୍ରତି ରାଜ୍ୟରେ ହାଇକୋର୍ଟ ପରିସରରେ ଏବଂ ନୂଆଦିଲ୍ଲୀସ୍ଥିତ ଦେଶର ସର୍ବୋଚ୍ଚ ଅଦାଲତ ପରିସରରେ ମଧ୍ୟ ଆଇନ ସେବା କମିଟି କାର୍ଯ୍ୟ କରୁଛନ୍ତି ।

**ନିଃଶୁଳ୍କ ଆଇନ ସେବା କଣ ?**

ଯଦି କୌଣସି ବ୍ୟକ୍ତି ନିଜର ସାମ୍ବିଧାନିକ ବା ବୈଧିକ ଅଧିକାରକୁ ହାସଲ କରିବା ପାଇଁ ବା ନିଜର କୌଣସି ନ୍ୟାୟସଂଗତ ଦାବୀକୁ ସାବ୍ୟସ୍ତ କରିବା ପାଇଁ କୌଣସି ମକଦ୍ଦମା ଦାଏର କରିବାକୁ ଚାହାନ୍ତି ବା ଲଢ଼ିବାକୁ ଚାହାନ୍ତି, ଅଥବା ଦାବିଦାର ଦାଏର କରିଥିବା ମକଦ୍ଦମାକୁ ପ୍ରତିରୋଧ କରିବାକୁ ଚାହାନ୍ତି, ଏବଂ ସେହି ପରିପ୍ରେକ୍ଷୀରେ ଯଦି ସେ ଆର୍ଥିକ ଦୃଷ୍ଟିରୁ ବା ଅନ୍ୟ କୌଣସି କାରଣରୁ ଅକ୍ଷମ ଥାନ୍ତି, ତେବେ ଆଇନ ସେବା ସ୍ୱରୂପ ତାଙ୍କୁ ସରକାରଙ୍କ ଖର୍ଚ୍ଚରେ ଓକିଲ ଯୋଗାଇ ଦିଆଯିବ ଏବଂ ମକଦ୍ଦମା ଦାଏରଠାରୁ ମକଦ୍ଦମାର ପରିଚାଳନା ଏବଂ ଅନ୍ତିମ ଫଏସଲା ପର୍ଯ୍ୟନ୍ତ ଦରକାର ହେଉଥିବା ଯାବତୀୟ ଖର୍ଚ୍ଚ ମଧ୍ୟ ସରକାର ବହନ କରିବେ । ବିନା ଖର୍ଚ୍ଚରେ ଆଇନଗତ ପରାମର୍ଶ ଉପଲବ୍ଧ କରାଇବା ମଧ୍ୟ ଆଇନ ସେବାର ଅନ୍ତର୍ଭୁକ୍ତ ।

**କେଉଁ ବର୍ଗର ବ୍ୟକ୍ତି ଏହି ଆଇନ ସେବା ପାଇଁ ଯୋଗ୍ୟ:**

୧ । ତଫସିଲଭୁକ୍ତ ଜାତି / ଉପଜାତିର ସଭ୍ୟ ।

୨ । ମାନବ ଚାଲାଣ ଅପରାଧରେ ଶିକାର ବ୍ୟକ୍ତି ବା ସମ୍ବିଧାନର ଧାରା ୨୩ ମୁତାବକ ଭିକ୍ଷୁକ ।

୩ । ମହିଳା, ଶିଶୁ ।

୪ । ମାନସିକ ବିକାରଗ୍ରସ୍ଥ ବା ଶାରୀରିକ ଭିନ୍ନକ୍ଷମ ।

୫ । ବନ୍ୟା, ବାତ୍ୟା, ମରୁଡି ବା ପ୍ରାକୃତିକ ବିପର୍ଯ୍ୟୟରେ ପୀଡିତ, ଦଙ୍ଗାଗ୍ରସ୍ଥ ।

୬ । ଶିଳ୍ପ ଶ୍ରମିକ, ଶିଳ୍ପ ଦୁର୍ଘଟଣାଗ୍ରସ୍ଥ ବ୍ୟକ୍ତି ।

୭ । ହାଜତରେ ଥିବା ବ୍ୟକ୍ତି, ବିଚାରାଧିନ ବନ୍ଦୀ, ଅଥବା

୮ । ବରିଷ୍ଠ ନାଗରିକ (ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି)

୯ । HIV ଅଥବା AIDS ପୀଡିତ ବ୍ୟକ୍ତି

୧୦ । Transgender

୧୧ । ଯେଉଁ ବ୍ୟକ୍ତିଙ୍କ ବାର୍ଷିକ ଆୟର ପରିମାଣ ଦୁଇ ଲକ୍ଷ ଟଙ୍କାରୁ କମ୍ ହୋଇଥିବ ।

ଉପରୋକ୍ତ ଶ୍ରେଣୀର ବ୍ୟକ୍ତିମାନେ ନିଃଶୁଳ୍କ ଆଇନସେବା ପାଇପାରିବେ ।

**ସବୁ ପ୍ରକାର ମକଦ୍ଦମା ପାଇଁ ଆଇନ ସେବା ମିଳିପାରିବ କି ?**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ବିନିୟମ ୧୬ (Regulation-16) ଅନୁଯାୟୀ କେତେକ କ୍ଷେତ୍ରରେ ନିଃଶୁଳ୍କ ଆଇନ ସେବା ଉପଲବ୍ଧ ହୋଇପାରିବ ନାହିଁ ।

- ☞ ମାନହାନି ସମ୍ବନ୍ଧୀୟ କିମ୍ବା ଦ୍ୱେଷ ବା ଈର୍ଷାମୂଳକ ମକଦ୍ଦମା
- ☞ ନିର୍ବାଚନ ସମ୍ବନ୍ଧୀୟ ମକଦ୍ଦମା
- ☞ କେବଳ ଜୋରିମାନା ଦଣ୍ଡ ବିହିତ ଫୌଜଦାରୀ ମକଦ୍ଦମା
- ☞ ଅର୍ଥନୀତି ଅପରାଧ ସମ୍ବନ୍ଧୀୟ ମକଦ୍ଦମା ଏବଂ ସାମାଜିକ ଆଇନ ବିରୁଦ୍ଧାଚରଣ କରୁଥିବା ଅପରାଧ, ଯଥା- ପ୍ରୋଟେକସନ ଅଫ୍ ସିଭିଲ ରାଇଟସ୍ ଆକ୍ଟ ୧୯୫୫ ଏବଂ ସପ୍ରେସନ୍ ଅଫ୍ ଇମୋରାଲ୍ ଟ୍ରାଫିକ୍ ଇନ୍ ଓମେନ୍

ଆଣ୍ଡ୍ ଗାର୍ଲସ୍ ଆକ୍ଟ ୧୯୫୬ ଆଇନର ବିରୁଦ୍ଧାଚରଣ କରୁଥିବା ମକଦ୍ଦମା ।

☞ ଯେଉଁ ବ୍ୟକ୍ତି ପ୍ରତିନିଧିତ୍ୱ ସୂତ୍ରରେ ବା ସରକାରୀ ପଦବୀ ବଳରେ ମକଦ୍ଦମା ସହ ଜଡିତ, ବା ସଂପୃକ୍ତ ମକଦ୍ଦମା ସହ ଯଦି ତାଙ୍କ ବ୍ୟକ୍ତିଗତ ସ୍ୱାର୍ଥର ସମ୍ପର୍କ ନଥିବ, ସେହି କ୍ଷେତ୍ରରେ ମଧ୍ୟ ତାଙ୍କୁ ଆଇନ ସେବା ପ୍ରାପ୍ତ ହେବ ନାହିଁ ।

**ଆଇନ ସେବା ପାଇଁ ଯୋଗ୍ୟ ବ୍ୟକ୍ତି (ହିତାଧିକାରୀ) କିପରି ଓ କେଉଁଠାରୁ ଏହି ଆଇନ ସେବା ପାଇବେ ?**

ଜାତୀୟ ସ୍ତରରୁ ଆରମ୍ଭ ହୋଇ ତାଲୁକ ସ୍ତର ଯାଏଁ ଆଇନ ସେବା ପ୍ରାଧିକରଣ / କମିଟିମାନ କାର୍ଯ୍ୟ କରୁଛନ୍ତି ।

**ଜାତୀୟ ସ୍ତରରେ :** ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ।

**ସୁପ୍ରିମକୋର୍ଟରେ ମକଦ୍ଦମା ପାଇଁ:** ସୁପ୍ରିମକୋର୍ଟ ଆଇନ ସେବା କମିଟି ସୁପ୍ରିମକୋର୍ଟ ପରିସରରେ କାର୍ଯ୍ୟରତ ।

**ରାଜ୍ୟ ସ୍ତରରେ:** ରାଜ୍ୟ ଆଇନ ସେବା ପ୍ରାଧିକରଣ । ଆମ ରାଜ୍ୟର କଟକରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଅବସ୍ଥିତ ।

**ହାଇକୋର୍ଟ ମକଦ୍ଦମା ପାଇଁ:** ଆମ ଓଡ଼ିଶା ହାଇକୋର୍ଟ ପରିସରରେ ହାଇକୋର୍ଟ ଆଇନ ସେବା କମିଟି କାର୍ଯ୍ୟ କରୁଛନ୍ତି ।

**ଜିଲ୍ଲା ସ୍ତରରେ:** ପ୍ରତି ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ସ୍ତରୀୟ ଆଇନ ସେବା ପ୍ରାଧିକରଣ କାର୍ଯ୍ୟ କରୁଛନ୍ତି ।

**ତାଲୁକ ସ୍ତରରେ:** ପ୍ରତି ତାଲୁକରେ ଯେଉଁଠି ଅନ୍ତତଃ ପକ୍ଷେ ଗୋଟିଏ ବିଚାର ବିଭାଗୀୟ କୋର୍ଟ ରହିଛି, ସେଠି ଏକ ତାଲୁକ ସ୍ତରୀୟ ଆଇନସେବା କମିଟି କାର୍ଯ୍ୟ କରୁଛନ୍ତି ।

ଆଇନ ସେବା ଦରକାର କରୁଥିବା ବ୍ୟକ୍ତି ଯଦି ସେହି ସେବା ପାଇବା ପାଇଁ ଯୋଗ୍ୟ ଅଟନ୍ତି, ତେବେ ସେ ତାଙ୍କ ନିକଟସ୍ଥ ବିଚାର ବିଭାଗୀୟ କୋର୍ଟ ପରିସରରେ କାର୍ଯ୍ୟ କରୁଥିବା ଆଇନ ସେବା ପ୍ରାଧିକରଣ ବା କମିଟି ସହ ଏକ ଲିଖିତ ଦରଖାସ୍ତ ମାଧ୍ୟମରେ (ନିର୍ଦ୍ଦିଷ୍ଟ ଫର୍ମ ମାଧ୍ୟମରେ) ଯୋଗାଯୋଗ କରି ତାଙ୍କ ଆଇନଗତ ସମସ୍ୟା ଜଣାଇ ଏହି ନିଃଶୁଳ୍କ ଆଇନ ସେବା ଲୋଡିପାରିବେ । ଦରଖାସ୍ତ ପାଇଁ କୌଣସି ଶୁଳ୍କ ବା ଖର୍ଚ୍ଚ ଦେବାକୁ ପଡେ ନାହିଁ । ସଂପୃକ୍ତ ପ୍ରାଧିକରଣ / କମିଟିରେ କାର୍ଯ୍ୟରତ ଅଧିକାରୀ ସେହି ଦରଖାସ୍ତକୁ ବିଚାର କରିବେ ଏବଂ ଯଦି ଯୁକ୍ତିଯୁକ୍ତ ବା ନ୍ୟାୟସଂଗତ କାରଣ ଥାଏ, ତେବେ ଦରଖାସ୍ତକୁ ମଞ୍ଜୁରୀ ଦେଇ ଆବଶ୍ୟକୀୟ ଆଇନ ସେବା ଯୋଗାଇବା ବ୍ୟବସ୍ଥା କରିବେ । ଏଠି ଉଲ୍ଲେଖଯୋଗ୍ୟ ଯେ, ପ୍ରତି ଜିଲ୍ଲା ଓ ତାଲୁକ ସ୍ତରରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ମଧ୍ୟ ସକ୍ରୀୟ ଅଛନ୍ତି । ଆଇନସେବା ଆବଶ୍ୟକୀୟ କରୁଥିବା ବ୍ୟକ୍ତି ଏହି ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ସହ ମଧ୍ୟ ଯୋଗାଯୋଗ କରି ଆଇନ ସେବା ସମ୍ବନ୍ଧୀୟ ପରାମର୍ଶ ହାସଲ କରିପାରିବେ ।

**୧ । ଲୋକ ଅଦାଲତ କ'ଣ ?**

କୋର୍ଟ କଚେରୀରେ ବିଚାରାଧୀନ ହୋଇ ରହିଥିବା ମକଦ୍ଦମାଗୁଡିକର ଆପୋଷ ବୁଝାମଣା ଭିତିରେ ଫଏସଲା କରିବା ପାଇଁ ଗଠିତ ଅନୁଷ୍ଠାନ ହେଉଛି ଲୋକ ଅଦାଲତ । ଲୋକ ଅଦାଲତରେ ସାକ୍ଷ୍ୟ, ପ୍ରମାଣ ତଥା ପାରମ୍ପରିକ ବିଚାର ପ୍ରକ୍ରିୟାର ଦରକାର ପଡେ ନାହିଁ । ମଧ୍ୟସ୍ଥି ବା ମିଳାମିଶାକାରୀଙ୍କ ସହାୟତାରେ ଆପୋଷ ବୁଝାମଣା ଭିତିରେ ମକଦ୍ଦମାର ଫଏସଲା କରାଯାଏ । ବିବାଦୀୟ ପକ୍ଷ କୌଣସି ମକଦ୍ଦମାକୁ ଯିବା ପୂର୍ବରୁ ବିବାଦର ଆଶୁ ସମାଧାନ ପାଇଁ ମଧ୍ୟ ଏହି ଲୋକ ଅଦାଲତର ସହାୟତା ଲୋଡିପାରିବେ । ଏଠି ଉଲ୍ଲେଖଯୋଗ୍ୟ ଯେ, ଯଦି ଲୋକ ଅଦାଲତ ମାଧ୍ୟମରେ କୌଣସି ମକଦ୍ଦମାର ଫଏସଲା ହୁଏ, ତେବେ ମକଦ୍ଦମାକାରୀ କୋର୍ଟ ଫି (ମକଦ୍ଦମା ଖର୍ଚ୍ଚ) ବାବଦକୁ ପୈଠ କରିଥିବା ଟଙ୍କା ଫେରିପାଇବେ, ଏବଂ ଲୋକ ଅଦାଲତଙ୍କ ନିଷ୍ପତି/ରାୟ ବିରୁଦ୍ଧରେ କୌଣସି ପକ୍ଷ ଆଉ ଅପିଲ କରିପାରିବ ନାହିଁ । ତାଲୁକ ସ୍ତରର, ଜିଲ୍ଲା ସ୍ତରରେ, ରାଜ୍ୟ ସ୍ତରରେ ଏବଂ ହାଇକୋର୍ଟ ସ୍ତରରେ ଏହି ଲୋକ ଅଦାଲତର ଆୟୋଜନ କରାଯାଇ ହଜାର ହଜାର ମକଦ୍ଦମାର ଫଏସଲା କରାଯାଇପାରୁଛି ।

**୨ । ସ୍ଥାୟୀ ଲୋକ ଅଦାଲତ କ'ଣ ?**

(କ) ପ୍ରତ୍ୟେକ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତତ୍ତ୍ୱାବଧାନରେ ଏବଂ ସଂପୃକ୍ତ ପ୍ରାଧିକରଣଙ୍କ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସ୍ଥାୟୀ ତଥା ନିରନ୍ତର ଲୋକ ଅଦାଲତ କାର୍ଯ୍ୟ କରୁଛି । ଏହି ଲୋକ ଅଦାଲତ ମାଧ୍ୟମରେ ଆପୋଷ ବୁଝାମଣା ଭିତିରେ ପ୍ରାକ୍-ମକଦ୍ଦମା ବିବାଦର ସମାଧାନ କରାଯାଏ । ଏହା ବ୍ୟତୀତ, କୌଣସି ବିଚାରାଧୀନ ମକଦ୍ଦମାର ଆପୋଷ ସହମତି ସୂତ୍ରରେ ଫଏସଲା ପାଇଁ ମଧ୍ୟ ଏହି ସ୍ଥାୟୀ ଲୋକ ଅଦାଲତର ସହାୟତା ଲୋଡା ଯାଇପାରିବ ।

(ଖ) ଆଇନସେବା ପ୍ରାଧିକରଣ ଅଧିନିୟମର ଧାରା ୨୨-ଖ (22-B) ଅନୁଯାୟୀ ଆମ ରାଜ୍ୟର ୧୩ ଗୋଟି ଅବିଭକ୍ତ ଜିଲ୍ଲାରେ ଏବଂ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱରଠାରେ ଗୋଟିଏ ଲେଖାଏଁ ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ତରଫରୁ ସୂଚନା ଜାରି କରାଯାଇଛି । ଏହି ସ୍ଥାୟୀ ଲୋକ ଅଦାଲତ ମାଧ୍ୟମରେ କେତେକ ଜନଉପଯୋଗୀ ସେବା ଯଥା, ପରିବହନ, ଡାକ, ତାର, ଟେଲିଫୋନ୍, ବିଜୁଳି, ଜଳଯୋଗାଣ, ବୀମାସେବା, ଶିକ୍ଷା କିମ୍ବା ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ସେବା, ଗୃହବ୍ୟବସ୍ଥା ଓ ବାସ୍ତବ ଭୂସମ୍ପତ୍ତି ସମ୍ବନ୍ଧୀୟ ସେବା, ବ୍ୟାଙ୍କ ଅନୁଷ୍ଠାନ ଓ ଆର୍ଥିକ ସମ୍ବନ୍ଧୀୟ ସେବା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ଅଧିନିୟମ, ୨୦୦୫ର ଅଧିନରେ ଥିବା ସେବା, ରନ୍ଧନ ଗ୍ୟାସର ନୂତନ ସଂଯୋଗୀକରଣ ଓ ରନ୍ଧନ ଗ୍ୟାସ ଯୋଗାଇବା କିମ୍ବା ପୁର୍ନବାର ଭର୍ତି କରିବା ଏବଂ ଏହା ସମ୍ବନ୍ଧୀୟ ବିଷୟ, ଆଧାର କାର୍ଡ, ରାସନ କାର୍ଡ, ଭୋଟ ପରିଚୟ ପତ୍ର ଏବଂ ବିପିଏଲ୍ କାର୍ଡ ପ୍ରଦାନ ସମ୍ବନ୍ଧୀୟ ସେବା, ବାର୍ଦ୍ଧକ୍ୟଭତା, ବିଧବା ଭତା ଓ ବେକାରୀ ଭତା ସମ୍ବନ୍ଧୀୟ ସେବା, ରାଜ୍ୟରେ ଜନସାଧାରଣମାନଙ୍କ ନିମନ୍ତେ ବିତରଣ ପଦ୍ଧତି ସମ୍ବନ୍ଧୀୟ ସେବା, ମୋବାଇଲ ଫୋନ୍, ଇନ୍‌ଟରନେଟ୍ ସେବା ଇତ୍ୟାଦି ସମ୍ବନ୍ଧୀୟ ବିବାଦର ସମାଧାନ ଆପୋଷ ବୁଝାମଣା ଭିତିରେ କରାଯାଇପାରିବ ।

**୩ । ଆଇନ ସେବା କ୍ଷେତ୍ରରେ ସମ୍ମୁଖ କାର୍ଯ୍ୟାଳୟର ଭୂମିକା**

ଆଇନ ସେବା ଯେପରି ଦକ୍ଷତା ସମ୍ପନ୍ନ ହେବ ଏବଂ ସହଜରେ ଲୋକଙ୍କ ପାଖରେ ପହନ୍‌ଚିପାରିବ, ସେଥିପାଇଁ ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ତାଲୁକ ଆଇନ ସେବା କମିଟିରେ ଏକ ସମ୍ମୁଖ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଆଇନ ସେବା କାର୍ଯ୍ୟରେ ସହାୟତା ଯୋଗାଇବା ପାଇଁ ଏହି ସମ୍ମୁଖ କାର୍ଯ୍ୟାଳୟରେ ଓକିଲ (Retainer)ଙ୍କୁ ନିଯୁକ୍ତି ଦିଆଯାଇଛି । ଯେଉଁ ହିତାଧିକାରୀ ବା ଦରଖାସ୍ତକାରୀ ଯେତେବେଳେ ଆଇନ ସେବା ବା ପରାମର୍ଶ ଲୋଡିବେ, ସମ୍ମୁଖ କାର୍ଯ୍ୟାଳୟର ଓକିଲ ତାଙ୍କୁ ସେହି ସେବା ଯୋଗାଇବାରେ ସାହାଯ୍ୟ କରିବେ ଯଥା- ଆଇନଗତ ପରାମର୍ଶ ଦେବେ, ନୋଟିସ, ନାଲିସ ଅଥବା ଦରଖାସ୍ତକୁ ଆବଶ୍ୟକସ୍ଥଳେ ଲେଖି ଉପଯୁକ୍ତ ଅଧିକାରୀଙ୍କ ନିକଟକୁ ପଠାଇବାର ବ୍ୟବସ୍ଥା କରିବେ । ଏହି ସମ୍ମୁଖ କାର୍ଯ୍ୟାଳୟରେ ଓକିଲ ଆଇନ ସେବା ହିତାଧିକାରୀ ଓ ଆଇନସେବା ପ୍ରାଧିକରଣ/କମିଟିଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବେ । ଏହି କାର୍ଯ୍ୟ ପାଇଁ ଆବେଦନକାରୀଙ୍କଠାରୁ ସେ କୌଣସି ଫି ବା ପାରିଶ୍ରମିକ ଦାବି କରିବେ ନାହିଁ ।

**୪ । ନିଜ ଅଧିକାର ହାସଲ କରିବା ପାଇଁ ବା ବିବାଦର ସମାଧାନ ପାଇଁ ମକଦ୍ଦମା ଦାଏର କରିବାର ଜରୁରୀ କି ?**

ସବୁ କ୍ଷେତ୍ରରେ ଏହା ଜରୁରୀ ନୁହେଁ । ମକଦ୍ଦମା ଦାଏର କରିବା ପୂର୍ବରୁ ବା ଦାଏର ହୋଇଥିବା ମକଦ୍ଦମା ବିଚାରାଧୀନ ଥିବା ସମୟରେ ମଧ୍ୟସ୍ଥତା କେନ୍ଦ୍ର (Mediation Centre)ର ସହାୟତା ନିଆଯାଇପାରିବ । ଦକ୍ଷ ତଥା ତାଲିମପ୍ରାପ୍ତ ମଧ୍ୟସ୍ଥ (Mediator) ଏବଂ ମିଳାମିଶାକାରୀ (Conciliator) ଙ୍କ ମାଧ୍ୟମରେ ବିବାଦର ଆପୋଷ ସମାଧାନର ପନ୍ଥା ବାହାର କରାଯାଇପାରିବ । ଏଥିପାଇଁ ଆବେଦନକାରୀ ବା ମକଦ୍ଦମାର ପକ୍ଷମାନେ ସଂପୃକ୍ତ ଜିଲ୍ଲା ବା ତାଲୁକ ଆଇନ ସେବା ପ୍ରାଧିକରଣ / କମିଟିଙ୍କ ସହଯୋଗ ଲୋଡିପାରିବେ । ଆପୋଷ ବୁଝାମଣା ସୂତ୍ରରେ ବିବାଦର ଆଶୁ ସମାଧାନ ଏବଂ ମକଦ୍ଦମାର ତୁରନ୍ତ ଫଏସଲା ହୋଇପାରିବ ।

**୫ । ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ବିଷୟରେ ଅଧିକ କିଛି ସୂଚନା**

ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିମାନେ ପାରାଲିଗାଲ ସ୍ୱେଚ୍ଛାସେବୀରୂପେ ନିକଟସ୍ଥ ଆଇନ ସେବା ପ୍ରାଧିକରଣ/କମିଟିଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ସ୍ୱେଚ୍ଛାକୃତ ଭାବେ ଆଇନ ସେବା କାର୍ଯ୍ୟରେ ନିୟୋଜିତ ହୋଇପାରିବେ । ସଂପୃକ୍ତ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତରଫରୁ ତାଙ୍କ ପାଇଁ ଉପଯୁକ୍ତ ତାଲିମ ପ୍ରଦାନପୂର୍ବକ ଏକ ଚିହ୍ନଟ ପତ୍ର ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ଏହି ସ୍ୱେଚ୍ଛାସେବୀମାନେ ନିଜ ନିଜ ଅନ୍‌ଚଳରେ ଲୋକଙ୍କୁ ସେମାନଙ୍କ ସାମ୍ବିଧାନିକ ଓ ବୈଧିକ ଅଧିକାର, କର୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନ କରିବେ, ଆଇନ ସେବା ପ୍ରାଧିକରଣ ଓ କମିଟିଙ୍କ ଅବସ୍ଥିତି ଓ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇ ଆଇନ ସେବାର ଗୁରୁତ୍ୱ ଓ ଉପକାରିତା ବିଷୟରେ ଲୋକଙ୍କୁ ଅବଗତ କରାଇବେ, ମହିଳା, ଶିଶୁ, ତଫସିଲଭୁକ୍ତ ଜାତି/ଉପଜାତିର ବ୍ୟକ୍ତି ତଥା ସମାଜର ଅନ୍ୟ ଦୁର୍ବଳ ଶ୍ରେଣୀ ବ୍ୟକ୍ତିଙ୍କ ପାଇଁ ରହିଥିବା ଆଇନ ସେବା ବ୍ୟବସ୍ଥା ବିଷୟରେ ଜନ ସଚେତନତା ସୃଷ୍ଟି କରିବେ ଏବଂ ଆଇନସେବା ହିତାଧିକାରୀ ଓ ଆଇନ ସେବା

ପ୍ରାଧିକରଣ/କମିଟିଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବେ। ଏହା ବ୍ୟତୀତ, ଲୋକ ଅଦାଲତର ଉପାଦେୟତା, ମଧ୍ୟସ୍ଥତା କେନ୍ଦ୍ରର କାର୍ଯ୍ୟକଳାପ ଓ ଉପାଦେୟତା ତଥା ଆପୋଷ ବୁଝାମଣା ଭିତିରେ ମକଦ୍ଦମାର ଫଏସଲା ବା ଆଇନଗତ ସମସ୍ୟାର ସମାଧାନର ଗୁରୁତ୍ୱ ଏବଂ ଉପାଦେୟତା ବିଷୟରେ ଲୋକଙ୍କୁ ଅବଗତ କରାଇବା ମଧ୍ୟ ଏହି ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ଅଟେ।

**୬। ନ୍ୟାୟ ସଂଯୋଗ (Legal Assistance Establishment)**

ରାଜ୍ୟର ସବୁ ବର୍ଗର ଲୋକମାନଙ୍କୁ ଆଇନଗତ ସାହାଯ୍ୟ ଯୋଗାଇଦେବା ପାଇଁ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କ୍ୟାନ୍‌ଟନମେନ୍‌ଟ ରୋଡ୍, କଟକ ଏବଂ ପ୍ରତ୍ୟେକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟାଳୟର ପରିସରରେ "ନ୍ୟାୟ ସଂଯୋଗ" କାର୍ଯ୍ୟାଳୟ କାର୍ଯ୍ୟରତ ଅଟେ। ରାଜ୍ୟ ଆଇନ ସେବା ପ୍ରାଧିକରଣର ପରିସରରେ କାର୍ଯ୍ୟ କରୁଥିବା ନ୍ୟାୟ ସଂଯୋଗର ହେଲ୍‌ପ ଲାଇନ୍ ନମ୍ବର ହେଲା **୧୫୧୬**। ଏହି ନ୍ୟାୟ ସଂଯୋଗ ସବୁ ସରକାରୀ କାର୍ଯ୍ୟ ଦିବସ ସମୟରେ ଖୋଲା ରହେ। ଯେଉଁଥିରେ ଏକ ଅଭିଜ୍ଞ ଓକିଲ ଓ ଟ୍ରେନିଂ ପ୍ରାପ୍ତ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ଦିଆଯାଇଅଛି। ଆଇନସେବା ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ଓକିଲଙ୍କ ସହିତ ମାଗଣାରେ ପରାମର୍ଶ କରିପାରିବେ ଓ କୋର୍ଟ କଚେରୀରେ ମକଦ୍ଦମା ଦାଏର କରିବାକୁ ଆବଶ୍ୟକ ହେଲେ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ଜରିଆରେ ଉଦ୍ଦିଷ୍ଟ ଫର୍ମ ପୂରଣ କରି ମାଗଣାରେ ଆଇନଗତ ସାହାଯ୍ୟ ପାଇଁ ଆଇନ ସେବା କାର୍ଯ୍ୟାଳୟରେ ଦାଖଲ କରିପାରିବେ। "ନ୍ୟାୟ ସଂଯୋଗ" ମାଧ୍ୟମରେ Video Conferencing ଦ୍ୱାରା ଜଣେ ବିଚାରାଧିନ ବନ୍ଦୀ ତାଙ୍କ ଓକିଲ ଅବା ଜ୍ଞାତି ପରିଜନଙ୍କ ସହ ସଂପର୍କ ରଖିପାରିବେ। ଅନ୍ୟ ଆଇନ ସେବା ହିତାଧିକାରୀମାନେ ମଧ୍ୟ ତାଙ୍କ ମକଦ୍ଦମା ସଂପର୍କୀୟ ବିବରଣୀ ପାଇପାରିବେ। ବିଭିନ୍ନ ଜନମଙ୍ଗଳ ଆଇନ ଓ ସରକାରୀ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ସୂଚନା ପାଇବା ପାଇଁ "ନ୍ୟାୟ ସଂଯୋଗ" ସହ ଆପଣ ଯୋଗାଯୋଗ କରିପାରିବେ।